# NATIONAL NEWS BULLETIN (ODIA)
## 12 September - 2025
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ପାଣ୍ଡୁଲିପିର ଡିଜିଟାଇଜେସନ୍ ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆୟୋଜିତ ଜ୍ଞାନଭାରତମ୍ ଆନ୍ତର୍ଜାତିକ ସମ୍ମିଳନୀରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଭାରତ ଓ ମରିସସ୍ ମଧ୍ୟରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଓ ସାମୁଦ୍ରିକ ସୁରକ୍ଷା ଆଦି ପ୍ରମୁଖ କ୍ଷେତ୍ରରେ ସହଯୋଗ ଲାଗି ସହମତ ପ୍ରକାଶ ପାଇଛି ।
- ଦେଶର ସାମୁଦ୍ରିକ ସୁରକ୍ଷାକୁ ସଶକ୍ତ କରିବା ଲାଗି ଭାରତୀୟ ନୌବାହିନୀ ପକ୍ଷରୁ ଆଜି ଆଇ.ଏନ୍.ଏସ୍. ଆରାବଳୀର ଶୁଭାରମ୍ଭ ହେବ ଗୁରୁଗ୍ରାମ ଠାରେ ।
- ସଂସଦକୁ ଜାତୀୟ ଗୁରୁତ୍ୱ ସମ୍ପର୍କିତ ପ୍ରସଙ୍ଗର ଏକ ଯୁକ୍ତିଯୁକ୍ତ ମଞ୍ଚ ରୂପେ ରୂପାନ୍ତର କରିବା ଲାଗି ସମସ୍ତ ରାଜନୈତିକ ଦଳ ଏବଂ ଜନପ୍ରତିନିଧିମାନଙ୍କୁ ଲୋକସଭା ବାଚସ୍ପତିଙ୍କ ଆହ୍ୱାନ ।

ଏବଂ

- ଏସିଆକପ୍ କ୍ରିକେଟ୍ ଚାମ୍ପିୟନ୍‌ସିପ୍‌ର ଗତକାଲିର  ମ୍ୟାଚ୍‌ରେ ହଂକଂକୁ ୭ ୱିକେଟ୍‌ରେ  ପରାସ୍ତ କଲା ବାଂଲାଦେଶ ।

## ପିଏମ୍-ଜ୍ଞାନ ଭାରତମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଜ୍ଞାନ ଭାରତମ୍ ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପାଣ୍ଡୁଲିପିର ଡିଜିଟାଇଜେସନ୍, ସଂରକ୍ଷଣ ଏବଂ ସାଧାରଣରେ ଉପଲବ୍ଧ କରାଇବା ଦିଗରେ ଉଦ୍ଦିଷ୍ଟ ଜ୍ଞାନ ଭାରତମ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିବା ସହିତ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗତକାଲି ଠାରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି 'ପାଣ୍ଡୁଲିପି ଐତିହ୍ୟ ମାଧ୍ୟମରେ ଭାରତର ଜ୍ଞାନ ଭଣ୍ଡାରର ପୁନରୁଦ୍ଧାର କରିବା' । ଏହି ସମ୍ମିଳନୀରେ ପାଣ୍ଡୁଲିପି ସମ୍ପର୍କିତ ବୁଦ୍ଧିଜୀବୀ, ସଂରକ୍ଷଣକାରୀ, ନୀତିନିର୍ଦ୍ଧାରକ ଏବଂ ବୈଷୟିକ ଜ୍ଞାନକୌଶଳ ବିଶେଷଜ୍ଞମାନେ ଯୋଗଦେଇ ଭାରତର ଅସମାନ୍ତରାଳ ପାଣ୍ଡୁଲିପି ସମ୍ବଳକୁ ପୁନରୁଦ୍ଧାର କରିବା ସହିତ ବିଶ୍ୱସ୍ତରରେ ଏହାର ମହତ୍ୱ ଉପରେ ଆଲୋକପାତ କରିବା ଉପରେ ଆଲୋଚନା କରିବେ । ଏହି ଅବସରରେ ବୀର ପାଣ୍ଡୁଲିପି ଏବଂ ଏହାର ସଂରକ୍ଷଣ କ୍ଷେତ୍ରରେ ବିଦ୍ୱାନମାନେ ଉପସ୍ଥାପନ କରିଥିବା ବିଭିନ୍ନ ତଥ୍ୟ ଆଦିକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

# ପିଏମ୍-ମରିସସ୍ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଉତ୍ତରପ୍ରଦେଶର କାଶୀକୁ ତାଙ୍କ ମରିସସ୍ ପ୍ରତିପକ୍ଷ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍ଙ୍କ ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସଶକ୍ତ ସାଂସ୍କୃତିକ ସମ୍ପର୍କ ପ୍ରତିଫଳିତ ହୋଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ରାମଗୁଲାମ୍ଙ୍କ ଏହି ଗସ୍ତ କାଶୀର ସାଂସ୍କୃତିକ ମହତ୍ୱକୁ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି । ଏହି ଅବସରରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଦ୍ୱିପକ୍ଷିୟ ସହଯୋଗେ, ବିଭିନ୍ନ ଅଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ ଭାରତ-ମରିସସ୍ ମଧ୍ୟରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ଜ୍ଞାନକୌଶଳ, ଶକ୍ତି ଏବଂ ସାମୁଦ୍ରିକ ସୁରକ୍ଷା ଆଦି କ୍ଷେତ୍ରରେ ଅଧିକ ସହଯୋଗ ଲାଗି ସହମତ ପ୍ରକାଶ ପାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

**V/O-PM**

# ନାଭି-ଆଇଏନ୍ଏସ୍ ଆରାବଳୀ

ଦେଶର ସାମୁଦ୍ରିକ ସୁରକ୍ଷାକୁ ସଶକ୍ତ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ ଆଜି ଗୁରୁଗ୍ରାମ ଠାରେ ଭାରତୀୟ ନୌବାହିନୀ ପକ୍ଷରୁ ଆଇ.ଏନ୍.ଏସ୍. ଆରାବଳୀର ଶୁଭାରମ୍ଭ କରାଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟ

ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଆରାବଲୀ ପର୍ବତମାଳାରେ ଏହାକୁ ନାମିତ କରାଯାଇଛି । ନୌସେନାର ତଥ୍ୟ ଏବଂ ଯୋଗାଯୋଗ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲାଗି ଆଇ.ଏନ୍.ଏସ୍. ଆରାବଲୀକୁ ନିର୍ମାଣ କରାଯାଇଛି । ଭାରତୀୟ କମାଣ୍ଡ, ନିୟନ୍ତ୍ରଣ ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ର ଲାଗି ଉଦ୍ଦିଷ୍ଟ ବହୁବିଧ ତଥ୍ୟ ଏବଂ ଯୋଗାଯୋଗ କେନ୍ଦ୍ର ସହିତ ଏହି ବେସ୍ ସହଯୋଗ କରିପାରିବ । ଆଜିର ସମାରୋହରେ ନୌସେନା ଅଧ୍ୟକ୍ଷ ଆଡମିରାଲ୍ ଦିନେଶ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିବାର କାର୍ଯ୍ୟସୂଚୀ ରହିଛି ।

## ଇସିଆଇ-ୱାର୍କସପ୍

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀଙ୍କ ଏକ ଦିନିକିଆ କର୍ମଶାଳା ଆୟୋଜନ କରାଯାଇଛି । ଭାରତରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ସାମ୍ବିଧାନିକ ନିୟମ ଅନୁଯାୟୀ ସମ୍ପନ୍ନ କରାଯିବା ସହିତ ଏ ସମ୍ପର୍କିତ ଆଇନ୍‌ଗତ, ତଥ୍ୟଗତ ସୂଚନା ଗୁଡ଼ିକ ସମୟ ଅନୁସାରେ କିଭଳି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋଚନା କରାଯିବ ।

ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଏହି କର୍ମଶାଳାକୁ ଉଦ୍‌ଘାଟନ କରିବେ । ନିର୍ବାଚନ ଆୟୋଗ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଓ

ଡକ୍ଟର ବିବେକ ଯୋଶୀ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଭ୍ରମାତ୍ମକ ତଥ୍ୟ ଦିଆଯାଉଥିବା ପରିପ୍ରେକ୍ଷୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟାକୁ ପ୍ରତିହତ କରିବା ଲାଗି ଏକ ସଶକ୍ତ ବ୍ୟବସ୍ଥା ସ୍ଥାପନ ଉଦ୍ଦେଶ୍ୟରେ ଆଜିକାର କର୍ମଶାଳା ଆୟୋଜିତ ହେଉଛି ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

## କର୍ଣ୍ଣାଟକ-ଓମ୍ ବିର୍ଲା

ସଂସଦକୁ ଜାତୀୟ ଗୁରୁତ୍ୱ ତଥା ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗର ଏକ ଯୁକ୍ତିଯୁକ୍ତ ତର୍କ, ଆଲୋଚନା ଏବଂ କଥାବାର୍ତ୍ତାର ମଞ୍ଚ ରୂପେ ରୂପାନ୍ତର କରିବା ଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମସ୍ତ ରାଜନୈତିକ ଦଳ ଏବଂ ଜନପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି । ଗତକାଲି ବେଙ୍ଗାଲୁରୁ ଠାରେ ଏକାଦଶ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।  ଦଳଗତ ମତଭେଦରୁ ଊର୍ଦ୍ଧ୍ୱକୁ ଯାଇ ଜନପ୍ରତିନିଧି ଭାବେ ଜନକଲ୍ୟାଣକାରୀ ପ୍ରସଙ୍ଗ ଉପରେ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିବା ଲାଗି ସେ ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ବ୍ୟବସ୍ଥାପକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ତଥା ଉତ୍ତରଦାୟୀ କରିବା ଉପରେ

ଗୁରୁତ୍ୱାରୋପ କରି ଶ୍ରୀ ବିର୍ଲା ସଂସଦର ଗରିମା ବଜାୟ ରଖିବା ଉପରେ ସାଂସଦମାନେ ଯତ୍ନବାନ ହେବାକୁ କହିଛନ୍ତି ।

**V/O-Om Birla**

# ଜିଏସ୍‌ଟି ରିଫର୍ମସ୍‌-ଟ୍ୟାକ୍ସ ଫ୍ରି

ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଐତିହାସିକ ଲାଲ୍‌କିଲାରୁ ଦୀପାବଳି ସୁଦ୍ଧା ପରବର୍ତ୍ତୀ ପିଢ଼ି ଜି.ଏସ୍‌.ଟି. ସଂସ୍କାର ପ୍ରକ୍ରିୟାର କାର୍ଯ୍ୟକାରିତା ସମ୍ପର୍କରେ ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀଙ୍କର ଏହି ଦୂରଦୃଷ୍ଟିକୁ ଗତ ୩ ତାରିଖରେ ଜି.ଏସ୍‌.ଟି. ପରିଷଦ ବୈଠକରେ ସାକାର କରାଯାଇଛି । ଜନସାଧାରଣଙ୍କ ଜୀବନଧାରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ଟିକସହାରକୁ ହ୍ରାସ କରାଯାଇଛି । ଏ ସମ୍ପର୍କରେ ଏକ ରିପୋର୍ଟ୍‌ –

# ଜିଏସ୍ ରିପୋର୍ଟ୍‌

ପରବର୍ତ୍ତୀ ପିଢ଼ି ଜି.ଏସ୍‌.ଟି. ସଂସ୍କାର ଅଧୀନରେ ସରକାର ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ରୂପେ ଟିକସ ଛାଡ଼ କରି ସାଧାରଣ ଜନତାଙ୍କ ଉପରୁ ବୋଝ ହ୍ରାସ କରିଛନ୍ତି । କ୍ଷୀର, ବ୍ରାଣ୍ଡ ବିହିନ ଚାଉଳ, ଗହମ, ଡାଲି ସମେତ ପ୍ରି ପ୍ୟାକେଜ୍ ଖାଦ୍ୟ ଦ୍ରବ୍ୟ ଉପରେ ସମ୍ପୂର୍ଣ୍ଣ

ରୂପେ ଜି.ଏସ୍.ଟି. ଛାଡ଼ କରିଛନ୍ତି । ସେହିଭଳି ସମସ୍ତ ପ୍ରକାର ପାଉଁରୁଟିକୁ ମଧ୍ୟ ଏହି ବର୍ଗରେ ସାମିଲ କରାଯାଇ ଲୋକଙ୍କ ଜୀବନଧାରଣକୁ ଅଧିକ ସୁଗମ କରାଯାଇଛି । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟସେବାରେ ମଧ୍ୟ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ ଜୀବନରକ୍ଷାକାରୀ ଔଷଧ ଉପରୁ ୩୩ ପ୍ରତିଶତ ଟିକସ ଛାଡ଼ କରାଯାଇଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେଉରା ।

## ସର୍‌ଗିଓ ଗର୍ଗ-ଇଣ୍ଡିଆ

ଭାରତ ଲାଗି ଯୁକ୍ତରାଷ୍ଟ୍ର ଆମେରିକାର ମନୋନୀତ ରାଷ୍ଟ୍ରଦୂତ ସର୍‌ଗିଓ ଗର୍ଗ କହିଛନ୍ତି, ବିଶ୍ୱରେ ଭାରତ ସହ ଆମେରିକା ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଆମେରିକାର ଏକ ରଣନୈତିକ ଭାଗିଦାରୀ ଭାବେ ବର୍ଣ୍ଣନା କରି ସେ କହିଛନ୍ତି, ନିଜର ଭୌଗଳିକ ସ୍ଥିତି, ଆର୍ଥିକ ଅଭିବୃଦ୍ଧି ଏବଂ ସାମରିକ କ୍ଷମତା ଲାଗି ଆଞ୍ଚଳିକ ସ୍ଥିରତା ବଜାୟ ରଖିବା ଦିଗରେ ଏହି ଦେଶ ଏକ କେନ୍ଦ୍ରବିନ୍ଦୁ ପାଲଟିଛି ।

ଭାରତ ସହ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ସେ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି ଶ୍ରୀ ଗର୍ଗ କହିଛନ୍ତି । ସେ କହିଛନ୍ତି, ସେଥିମଧ୍ୟରେ ଯୁଗ୍ମ ସାମରିକ କାର୍ଯ୍ୟାଭ୍ୟାସକୁ ସମ୍ପ୍ରସାରିତ କରିବା, ପ୍ରତିରକ୍ଷା ବ୍ୟବସ୍ଥା କ୍ଷେତ୍ରରେ ସହ-ବିକାଶ ଏବଂ

ସହ-ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା କାରବାରକୁ ଯଥାଶୀଘ୍ର ସମ୍ପନ୍ନ କରିବା ଆଦି ଏଥିମଧ୍ୟରେ ଅନ୍ତର୍ଭୁକ୍ତ । ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ମାନବ ସମ୍ବଳ ମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା, ଔଷଧ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ବିକାଶ କ୍ଷେତ୍ରରେ ଆମେରିକା ଲାଗି ଅପାର ସୁଯୋଗ ରହିଛି ବୋଲି ଶ୍ରୀ ଗର୍ଗ ମତବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଆସନ୍ତା ସପ୍ତାହରେ ଭାରତୀୟ ପ୍ରତିନିଧି ଦଳକୁ ୱାଶିଂଟନ୍ ଆସି ଦ୍ୱିପକ୍ଷୀୟ ସମସ୍ୟାର ସମାଧାନ କରିବା ଲାଗି ଯୁକ୍ତରାଷ୍ଟ୍ର ଆମେରିକା ନିମନ୍ତ୍ରଣ କରିଛି ବୋଲି ମଧ୍ୟ ଶ୍ରୀ ଗର୍ଗ ସୂଚନା ଦେଇଛନ୍ତି ।

ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଭାରତରେ ରାଷ୍ଟ୍ରଦୂତ ହେବା ଲାଗି ଶ୍ରୀ ଗର୍ଗଙ୍କ ମନୋନୟନକୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜର ଜଣେ ବିଶ୍ୱସ୍ତ ରାଷ୍ଟ୍ରଦୂତଙ୍କୁ ଭାରତରେ ଅବସ୍ଥାପନ ଲାଗି ମନୋନୟନ କରିଛନ୍ତି ବୋଲି ଗତମାସ ୨୨ ତାରିଖରେ ଘୋଷଣା କରିଥିଲେ ।

## ସିକ୍କିମ୍ ଲ୍ୟାଣ୍ଡସ୍ଲାଇଡ୍

ସିକ୍କିମ୍‌ର ଗିୟାଲ୍‌ସିଂ ଜିଲ୍ଲା ଅନ୍ତର୍ଗତ ରିମ୍‌ବିକ୍ ଗ୍ରାମରେ ଗତ ରାତିରେ ଭୂସ୍ଖଳନ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ହୋଇଛି । ସରକାରୀ ଭାବେ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଦୁର୍ଘଟଣାରେ କେତେକ ଆହତ ହୋଇଥିବା ବେଳେ ଜଣେ ନିଖୋଜ ଅଛନ୍ତି । ମୃତକଙ୍କ ମଧ୍ୟରୁ ତିନି ଜଣ

ଗୋଟିଏ ପରିବାରର ବୋଲି ଜଣାପଡ଼ିଛି । ସମ୍ପୃକ୍ତ ସ୍ଥାନରେ ପୁଲିସ୍ ଓ ଅନ୍ୟାନ୍ୟ ସଂସ୍ଥା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବର୍ଷା ଯୋଗୁଁ ଏହି ଭୂସ୍ଖଳନ ହୋଇଥିବା ସ୍ଥାନୀୟ ପ୍ରଶାସନ କହିଛି ।

## କ୍ରିକେଟ୍-ଏସିଆକପ୍

ଏସିଆକପ୍ କ୍ରିକେଟ୍ ଚାମ୍ପିୟନ୍‌ସିପ୍‌ର ଗତକାଲି ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ବାଂଲାଦେଶ' ହଂକଂକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଗତ ରାତିରେ ଆବୁଧାବିଠାରେ ହୋଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ହଂକଂକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ପ୍ରଥମେ ବ୍ୟାଟିଂ କରି ହଂକଂ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୩ରନ୍ କରିଥିଲା । ଦଳ ପକ୍ଷରୁ ନିଜାକତ ଖାନ୍ ୪୦ଟି ବଲ୍‌ରୁ ୪୨ରନ୍ କରିଥିଲେ । ବାଂଲାଦେଶ ପକ୍ଷରୁ ତାସ୍କିନ୍ ଅହମ୍ମଦ, ତାଞ୍ଜିନ୍ ହାସନ୍ ସାକିବ୍, ରିଷାଦ ହୋସେନ୍ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ୧୪୪ରନ୍ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ୧୪ଟି ବଲ୍ ଓ ୭ଟି ୱିକେଟ୍ ହାତରେ ଥାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ଅଧିନାୟକ ଲିଟନ୍ ଦାସ ୩୯ଟି ବଲ୍‌ରୁ ସର୍ବାଧିକ ୫୯ରନ୍ କରିଥିଲେ । ହଂକଂ ପକ୍ଷରୁ ଆତିକ୍ ଇକ୍‌ବାଲ୍ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଲିଟନ୍ ଦାସ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।